ଫର୍ମ – ୭

[ନିୟମ ୧୩ (୨) ଓ ୨୬ ଦ୍ରଷ୍ଟବ୍ୟ]

ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ବା ହୋଇଥିବା ନାମକୁ ବାଦ କରିବା ପାଇଁ ଦରଖାସ୍ତ

ପ୍ରାପ୍ତେଷୁ,

ଶ୍ରୀଯୁକ୍ତ ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଫିସର୍,

.....ବିଧାନସଭା/ସଂସଦୀୟ ନିର୍ବାଚନ ମଣ୍ଡଳୀ ।

ମହାଶୟ,

@ ଉପରୋକ୍ତ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ନିମ୍ନଲିଖିତ ବ୍ୟକ୍ତିଙ୍କର ନାମକୁ ଅନ୍ତର୍ଭୁକ୍ତ କରାଯିବା ବିରୁଦ୍ଧରେ ମୁଁ ଆପତ୍ତି କରୁଅଛି । ମୋର ଆପତ୍ତି ସପକ୍ଷରେ ବିବରଣୀ ନିମ୍ନରେ ପ୍ରଦାନ କଲି ।

କିମ୍ବା

@ ନିମ୍ନରେ ପ୍ରଦତ୍ତ କାରଣ ଯୋଗୁ *ମୋର ନାମ/*ନିମ୍ନଲିଖିତ ବ୍ୟକ୍ତିଙ୍କର ନାମକୁ ବାଦ୍ କରାଯିବା ଆବଶ୍ୟକ ।

I.@ ଅନ୍ତର୍ଭୁକ୍ତ କରାଯିବାକୁ ଥିବା ଆପତ୍ତି ହୋଇଥିବା ନାମର ସବିଶେଷ ବିବରଣୀ	ନାମ		ଶେଷ ନାମ
ବାଦ୍ କରାଯିବା ନାମର ସବିଶେଷ ବିବରଣୀ	ଭୋଟର ତାଲିକାରେ ତାଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିବା ଭାଗ /ନମ୍ବର : :	ସେହି ଭାଗରେ ତାଙ୍କର କ୍ରମିକ ନମ୍ବର :	ଭୋଟରଙ୍କର ଫଟୋ ପରିଚୟ ପତ୍ର ଯଦି ଦିଆଯାଇଥାଏ ତା'ର ନମ୍ବର :

II. # ଆପତ୍ତି କରିଥିବା ବ୍ୟକ୍ତିଙ୍କ ସବିଶେଷ ବିବରଣୀ	ନାମ		ଶେଷ ନାମ
ଲିଙ୍ଗ (ପୁରୁଷ/ସ୍ତ୍ରୀ/ଅନ୍ୟାନ୍ୟ $)	ଭୋଟର ତାଲିକାରେ ଆପତ୍ତିକାରୀଙ୍କ ନାମ ଥିବା ଭାଗ/ନମ୍ବର :		ସେହି ଭାଗରେ ତାଙ୍କର କ୍ରମିକ ନମ୍ବର :
* ପିତା/ମାତା/ସ୍ୱାମୀଙ୍କର ନାମ	ନାମ		ଶେଷ ନାମ

III. @ ଆପତ୍ତିକାରୀ/@ ବାଦ ହେବାକୁ ଚାହୁଁଥିବା ବ୍ୟକ୍ତି ସାଧାରଣ ଭାବେ ବସବାସ କରୁଥିବା ସ୍ଥାନର ବିବରଣୀ (ପୂରା ଠିକଣା) :

ଘର/ପ୍ରବେଶ ପଥ ନମ୍ବର :

ମୁଖ୍ୟ ରାସ୍ତା/ଅଞ୍ଚଳ/ସ୍ଥାନ/ମହଲା/ରାସ୍ତା :

ସହର/ଗ୍ରାମ :

ଡାକଘର : | ପିନ୍ କୋଡ୍ | | | | | | | |

ତହସିଲ୍/ତାଲୁକ୍/ଥାନା :

ଜିଲ୍ଲା :

IV. ଆପତ୍ତି */ବାଦ * ଦେବାର କାରଣ :

@ ପ୍ରଥମ ବିକଳ୍ପ ଭୋଟର ତାଲିକାର ପ୍ରସ୍ତୁତି/ସଂଶୋଧନ ବେଳେ ପ୍ରଯୁଜ୍ୟ । ଅପଡେଟିଂ ସମୟରେ ଦ୍ୱିତୀୟ ବିକଳ୍ପ ଭୋଟର ତାଲିକାର ଶେଷ ପ୍ରକାଶନ ପରେ ନିରବଚ୍ଛିନ୍ନ ପ୍ରଯୁଜ୍ୟ ।

* ଅନାବଶ୍ୟକ ଶବ୍ଦାବଳୀକୁ କାଟି ଦିଅନ୍ତୁ ।

\# ଦରଖାସ୍ତକାରୀ ନିଜର ନାମ ବାଦ କରିବାକୁ ଚାହୁଁଥିଲେ, ଭାଗ II ପୂରଣ ଅନାବଶ୍ୟକ ।

$ ଦରଖାସ୍ତକାରୀ ଯଦି ପୁରୁଷ କିମ୍ବା ସ୍ତ୍ରୀ ରୂପେ ବର୍ଣ୍ଣିତ ହେବାକୁ ଚାହୁଁନଥାନ୍ତି ତେବେ ସେମାନେ ସେମାନଙ୍କର ଲିଙ୍ଗ "ଅନ୍ୟାନ୍ୟ" ବୋଲି ଲେଖି ପାରିବେ ।

V. ଘୋଷଣା :

ମୁଁ ଏତଦ୍ଦ୍ୱାରା ଘୋଷଣା କରୁଅଛି ଯେ, ଉପରେ ଉଲ୍ଲେଖ କରାଯାଇଥିବା ତଥ୍ୟମାନ ମୋର ଜ୍ଞାନ ଓ ବିଶ୍ୱାସମତେ ସତ୍ୟ ଅଟେ ।

ସ୍ଥାନ : ତାରିଖ : ଆପତ୍ତିକାରୀଙ୍କ ସ୍ୱାକ୍ଷର/ବୃଦ୍ଧାଙ୍ଗୁଳି ଟିପଚିହ୍ନ

ଟିପ୍ପଣୀ : ଯେଉଁ ବ୍ୟକ୍ତି ଏପରି କୌଣସି ବିବୃତି ଦିଅନ୍ତି ବା ଘୋଷଣା କରନ୍ତି, ଯାହାକି ମିଥ୍ୟା ଅଟେ ବା ଯାହାକି ମିଥ୍ୟା ବୋଲି ସେ ଜାଣନ୍ତି ବା ବିଶ୍ୱାସ କରନ୍ତି କିମ୍ବା ଯାହାକି ସତ୍ୟ ବୋଲି ସେ ବିଶ୍ୱାସ କରନ୍ତି ନାହିଁ, ସେହି ବ୍ୟକ୍ତି ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ ଧାରା ୩୧ (୧୯୫୦ର ୪୩) ଅନୁଯାୟୀ ଦଣ୍ଡନୀୟ ହେବେ ।

* ଅନାବଶ୍ୟକ ଶବ୍ଦାବଳୀକୁ କାଟି ଦିଅନ୍ତୁ ।

ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ବିଶଦ ବିବରଣୀ

(ନିର୍ବାଚନମଣ୍ଡଳୀର ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଧିକାରୀଙ୍କ ଦ୍ୱାରା ପୂରଣ ହେବ)

ଶ୍ରୀ/ଶ୍ରୀମତୀ/କୁମାରୀ.....ଙ୍କର *ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ହେବା ବିରୁଦ୍ଧରେ/

*ନାମ ବାଦ କରିବାକୁ ଚାହିଁ ୭ ନମ୍ବର ଫର୍ମରେ ଶ୍ରୀ/ଶ୍ରୀମତୀ/କୁମାରୀ.....

ଦେଇଥିବା ଦରଖାସ୍ତ ମଞ୍ଜୁର*/ନାମଞ୍ଜୁର* କରାଯାଇଛି ।

ମଞ୍ଜୁର ପ୍ରାପ୍ତର [ନିୟମ ୧୮/୨୦*/୨୬ (୪)* ମୁତାବକ] £ କିମ୍ବା *ନାମଞ୍ଜୁର ପ୍ରାପ୍ତର [ନିୟମ ୧୬*/୨୦*/୨୬(୪)* ମୁତାବକ] £ ବିସ୍ତୃତ କାରଣ :

ସ୍ଥାନ : ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍

ତାରିଖ : ଅଫିସରଙ୍କର ସ୍ୱାକ୍ଷର ଅଫିସରଙ୍କର ମୋହର

* ଅନାବଶ୍ୟକ ଶବ୍ଦାବଳୀକୁ କାଟି ଦିଅନ୍ତୁ ।

£ ଭୋଟର ତାଲିକାର ଶେଷ ପ୍ରକାଶନ ପରେ ନିରବଚ୍ଛିନ୍ନ ଅଦ୍ୟତନ ସମୟର ।

ଷ୍ଟେତ୍ରସ୍ତରୀୟ ଅଧିକାରୀ (ବି.ଏଲ୍.ଓ., ସୂଚୀତ ଅଧିକାରୀ, ତଦାରଖ ଅଧିକାରୀ)ଙ୍କ ମନ୍ତବ୍ୟ :-

ଦରଖାସ୍ତ କ୍ର.ନଂ.

ଦରଖାସ୍ତ ପାଇଁ ରସିଦ

** ଶ୍ରୀ/ଶ୍ରୀମତୀ/କୁମାରୀ.....

** ଠିକଣା.....ଙ୍କ ଠାରୁ

ଫର୍ମ ନମ୍ବର ୭ରେ ଦରଖାସ୍ତ ଗ୍ରହଣ କରାଗଲା ।

ତାରିଖ.....

ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ ଅଫିସରଙ୍କ ତରଫରୁ
ଦରଖାସ୍ତ ଗ୍ରହଣ କରୁଥିବା ଅଫିସରଙ୍କ ସ୍ୱାକ୍ଷର
ଠିକଣା.....
.....

** ଦରଖାସ୍ତକାରୀଙ୍କ ଦ୍ୱାରା ପୂରଣ କରାହେବ

ଫର୍ମ-୭ ପୂରଣ ନିମନ୍ତେ ମାର୍ଗଦର୍ଶିକା

ସାଧାରଣ ନିର୍ଦ୍ଦେଶାବଳୀ

କିଏ ଫର୍ମ-୭ ଦାଖଲ କରିପାରିବ

ଭୋଟର ତାଲିକାରେ ଗୋଟିଏ ଭାଗରେ ନିଜର ନାମ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ବ୍ୟକ୍ତି, ଅନ୍ୟ ଜଣଙ୍କର ନାମ ସେହି ଭୋଟର ତାଲିକାର ସେହି ଭାଗରେ ଯୋଗ କରିବା ପ୍ରସ୍ତାବ ଉପରେ ଆପତ୍ତି ଉଠାଇ କିମ୍ବା ଭୋଟର ତାଲିକାର ସେହି ଭାଗରେ ଅନ୍ତର୍ଭୁକ୍ତ ହୋଇଥିବା ଅନ୍ୟଜଣେ ବ୍ୟକ୍ତିଙ୍କର ନାମକୁ ଭୋଟର ତାଲିକାରୁ ବାଦ୍ ଦେବାକୁ ଅନୁରୋଧ କରି ଫର୍ମ-୭ରେ ଦରଖାସ୍ତ କରିପାରିବେ ।

ଫର୍ମ-୭ କେତେବେଳେ ଦାଖଲ କରାଯାଇପାରିବ

୧. କୌଣସି ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା ପ୍ରକାଶିତ ହେବା ପରେ, ସେହି ଚିଠା ଭୋଟର ତାଲିକାରେ କୌଣସି ବ୍ୟକ୍ତିଙ୍କ ନାମ ଯୋଗ କରିବା ପ୍ରସ୍ତାବ ଉପରେ ଆପତ୍ତି ଉଠାଇ ଫର୍ମ-୭ରେ ଦରଖାସ୍ତ କରାଯାଇପାରିବ । ଏଥି ନିମନ୍ତେ ଧାର୍ଯ୍ୟ ହୋଇଥିବା ସମୟସୀମା ମଧ୍ୟରେ ଦରଖାସ୍ତ ଦାଖଲ କରିବାକୁ ହେବ । ଭୋଟର ତାଲିକା ସଂଶୋଧନ ସମୟରେ ଏହି ସମୟସୀମା ବିଷୟରେ ବ୍ୟାପକ ପ୍ରଚାର କରାଯାଇଥାଏ ।

୨. ମାତ୍ର ଏକକିତା ଦରଖାସ୍ତ ଦାଖଲ କରିବାକୁ ହୁଏ ।

୩. ଚୂଡ଼ାନ୍ତ ଭୋଟର ତାଲିକାରୁ କୌଣସି ନାମ ବାଦ ଦେବା ନିମନ୍ତେ ବର୍ଷସାରା ଯେକୌଣସି ସମୟରେ ଫର୍ମ-୭ରେ ଦରଖାସ୍ତ ଦାଖଲ କରାଯାଇପାରିବ, ଏପରିକି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଚାଲୁ ନ ଥିବା ସମୟରେ ମଧ୍ୟ । ସଂଶୋଧନ କାର୍ଯ୍ୟକ୍ରମ ଚାଲୁ ନ ଥିବା ସମୟରେ ଦୁଇକିତା ଦରଖାସ୍ତ ଦାଖଲ କରିବାକୁ ହେବ ।

କେଉଁଠାରେ ଫର୍ମ-୭ ଦାଖଲ କରାଯିବ

୧. ଭୋଟର ତାଲିକା ସଂଶୋଧନ ସମୟରେ ଚିଠା ଭୋଟର ତାଲିକା ପ୍ରକାଶିତ ହେବା ନିମନ୍ତେ ସୂଚିତ ହୋଇଥିବା ସ୍ଥାନରେ (ମୁଖ୍ୟତଃ ଭୋଟ ଗ୍ରହଣ କେନ୍ଦ୍ର) ତଥା ସଂପୃକ୍ତ ନିର୍ବାଚନମଣ୍ଡଳୀର ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ତଥା ସହକାରୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ନିକଟରେ ଦରଖାସ୍ତ ଦାଖଲ କରାଯିବ ।

୨. ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଚାଲୁ ନ ଥିବା ସମୟରେ କେବଳ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ନିକଟରେ ଦରଖାସ୍ତ ଦାଖଲ କରାଯାଇପାରିବ ।

ଫର୍ମ-୭ କିପରି ପୂରଣ କରାଯିବ

୧. କୌଣସି ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ହୋଇଥିବା ଜଣେ ଭୋଟର, ସେହି ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକାରେ ଅନ୍ୟ ଜଣେ ବ୍ୟକ୍ତିଙ୍କର ନାମ ଯୋଗ କରିବା ପ୍ରସ୍ତାବ ଉପରେ ଆପତ୍ତି ଉଠାଇ ଫର୍ମ-୭ରେ ଦରଖାସ୍ତ, ସଂପୃକ୍ତ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କୁ ସମ୍ବୋଧନ କରି ଦାଖଲ କରିପାରିବେ । ଖାଲିଥିବା ସ୍ଥାନରେ ନିର୍ବାଚନମଣ୍ଡଳୀର ନାମ ଲେଖିବାକୁ ହେବ ।

୨. ଯେଉଁ ବ୍ୟକ୍ତିଙ୍କର ନାମ ଯୋଗ କରାଯିବା ଉପରେ ଆପତ୍ତି କରାଯାଉଛି/ଯେଉଁ ବ୍ୟକ୍ତିଙ୍କର ନାମ ବାଦ ଦେବାକୁ ହେବ ତା'ର ସବିଶେଷ ବିବରଣୀ ।

ଉପରୋକ୍ତ ଦୁଇଟି ବିକଳ୍ପ ମଧ୍ୟରୁ ପ୍ରଥମ ବିକଳ୍ପଟି ଭୋଟର ତାଲିକା ସଂଶୋଧନ ସମୟରେ ଚିଠା ଭୋଟର ତାଲିକା ପ୍ରକାଶିତ ହେବା ପରେ ପ୍ରଯୁଜ୍ୟ ଅର୍ଥାତ୍ ଚିଠା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଯେଉଁ ନାମ ଉପରେ ଆପତ୍ତି କରାଯାଉଛି ତାହାକୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ସମୟରେ ବାଦ୍ ତାଲିକାରେ ଦର୍ଶାଇବା । ଦ୍ୱିତୀୟ ବିକଳ୍ପଟି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ନିରବଚ୍ଛିନ୍ନ ସଂଶୋଧନ ସମୟରେ ପ୍ରଯୁଜ୍ୟ । ଅର୍ଥାତ୍ ଚୂଡ଼ାନ୍ତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ନାମ ବାଦ ଦେବା ।

(ଫର୍ମ ପୂରଣ କରିବା ବେଳେ ଅନାବଶ୍ୟକ ବିକଳ୍ପକୁ କାଟିଦିଅନ୍ତୁ)

ଏତଦ୍‌ଭିନ୍ନ ଯେଉଁ ବ୍ୟକ୍ତିଙ୍କ ନାମ ଯୋଗ କରିବାକୁ ଆପତ୍ତି କରାଯିବ କିମ୍ବା ବାଦ୍ ଦେବା ନିମନ୍ତେ ଅନୁରୋଧ କରାଯିବ, ଭୋଟର ତାଲିକାର ଅନ୍ୟାନ୍ୟ ବିବରଣୀ **ଯଥା :—ଭୋଟର ତାଲିକାରେ ସଂପୃକ୍ତ ବ୍ୟକ୍ତିଙ୍କର ନାମ ଥିବା ଭାଗ ସଂଖ୍ୟା ଓ କ୍ରମିକ ସଂଖ୍ୟା ତଥା ସେହି ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ପରିଚୟ ପତ୍ର ସଂଖ୍ୟା** ଦରଖାସ୍ତରେ ଉଲ୍ଲେଖ କରିବାକୁ ହେବ । ଏହି ସବୁ ବିବରଣୀ ଭୋଟର ତାଲିକାର ସଂପୃକ୍ତ ଭାଗରେ ଉପଲବ୍ଧ । **ଭାଗ ସଂଖ୍ୟା** ଭୋଟର ଲିଷ୍ଟର ଶୀର୍ଷରେ ଡାହାଣ ପଟ କୋଣରେ ମୁଦ୍ରିତ ହୋଇଥାଏ । ପ୍ରତି ନାମକୁ ଗୋଟିଏ କ୍ରମିକ ସଂଖ୍ୟା ଦିଆଯାଇଥାଏ । ଯେଉଁ ବ୍ୟକ୍ତିଙ୍କର ନାମ ଯୋଗ କରିବାକୁ ଆପତ୍ତି କରାଯିବ କିମ୍ବା ବାଦ୍ ଦେବା ନିମନ୍ତେ ଅନୁରୋଧ କରାଯିବ ତାଙ୍କର କ୍ରମିକ ସଂଖ୍ୟା ଭୋଟର ତାଲିକାରୁ ଦେଖନ୍ତୁ ଏବଂ ଦରଖାସ୍ତରେ ଉଲ୍ଲେଖ କରନ୍ତୁ । ତାଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଥିଲେ, ତାଙ୍କ ନାମ ପାଖରେ **ପରିଚୟ ପତ୍ର ସଂଖ୍ୟା** ମଧ୍ୟ ମୁଦ୍ରିତ ହୋଇଥାଏ । ଦରଖାସ୍ତର ନିର୍ଦ୍ଦିଷ୍ଟ ସ୍ଥାନରେ ସେହି ସଂଖ୍ୟାଟିକୁ ସଂପୂର୍ଣ୍ଣ ଭାବେ ଲେଖନ୍ତୁ ।

ନାମ ଯୋଗ ଉପରେ ଆପତ୍ତି ଉଠାଇବା/ନାମ ବାଦ୍ ଦେବାକୁ ଅନୁରୋଧ କରିବା ନିମନ୍ତେ ପ୍ରତି ନାମ ପାଇଁ ପୃଥକ ଭାବେ ଦରଖାସ୍ତ କରିବାକୁ ହେବ ।

୩. ଆପତ୍ତିକାରୀଙ୍କ ବିଶଦ ବିବରଣୀ

ଆପତ୍ତିକାରୀ ନିଜ ନାମ ଭୋଟର ତାଲିକାର ଯେଉଁ ଭାଗରେ ପଞ୍ଜିକୃତ ହୋଇଛି, ସେହି ଭାଗରେ ଅନ୍ତର୍ଭୁକ୍ତ ହୋଇଥିବା ଅନ୍ୟଜଣେ ବ୍ୟକ୍ତିଙ୍କ ନାମ ବାଦ୍ ଦେବା ନିମନ୍ତେ ଫର୍ମ-୭ରେ ଦରଖାସ୍ତ କରିପାରିବେ । ଦରଖାସ୍ତର ଭାଗ-II ରେ ନିର୍ଦ୍ଦିଷ୍ଟ ହୋଇଥିବା ସ୍ଥାନରେ ଆପତ୍ତିକାରୀ ତାଙ୍କର ନାମ ଏବଂ ଶେଷନାମ ସମ୍ପର୍କୀୟଙ୍କ ନାମ (ପିତା/ମାତା/ସ୍ୱାମୀ), ଲିଙ୍ଗ, ଭୋଟର ତାଲିକାର ଭାଗ ସଂଖ୍ୟା ଏବଂ କ୍ରମିକ ସଂଖ୍ୟା ଉଲ୍ଲେଖ କରିବେ ।

ଦରଖାସ୍ତର ଭାଗ-III ରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଆପତ୍ତିକାରୀ ତାଙ୍କର ପୂରା ଠିକଣା ନିଶ୍ଚିତ ଭାବେ ଲେଖିବେ ।

୪. ଆପତ୍ତି/ବାଦ୍ ଦେବାର କାରଣ

ଦରଖାସ୍ତର ଭାଗ-IV ରେ ଆପତ୍ତିକାରୀ କାହିଁକି ଜଣେ ବ୍ୟକ୍ତିଙ୍କର ନାମ ଭୋଟର ତାଲିକାରେ ରହିବା ଉପରେ ଆପତ୍ତି କରୁଛନ୍ତି/ବାଦ୍ ଦେବା ନିମନ୍ତେ ଅନୁରୋଧ କରୁଛନ୍ତି ତା'ର କାରଣ, ଯଥା—ମୃତ୍ୟୁ/ସ୍ଥାନାନ୍ତରଣ/ପଞ୍ଜିକୃତ ଠିକଣାରେ ସାଧାରଣତଃ ବାସ କରୁ ନ ଥିବା ଇତ୍ୟାଦି ସ୍ପଷ୍ଟ ଭାବେ ଉଲ୍ଲେଖ କରିବେ । ଭୋଟର ତାଲିକାରୁ ନାମ ବାଦ୍ ଦେବା ନିମନ୍ତେ ଦର୍ଶାଯାଇଥିବା କାରଣର ସତ୍ୟତା ପ୍ରମାଣ କରିବା ଆପତ୍ତିକାରୀଙ୍କ ଦାୟିତ୍ୱ ।

୫. ଘୋଷଣା

ଦରଖାସ୍ତର ଭାଗ-V ରେ ଦରଖାସ୍ତକାରୀ ଘୋଷଣା କରିବେ ଯେ, ଉପର ଲିଖିତ ତଥ୍ୟମାନ ତାଙ୍କ ଜ୍ଞାନ ଓ ବିଶ୍ୱାସମତେ ସତ୍ୟ ଅଟେ । ଆପଣ ପ୍ରଦାନ କରିଥିବା ବର୍ତ୍ତମାନର ଠିକଣାରେ କେଉଁ ତାରିଖରୁ ରହିଆସୁଛନ୍ତି ତାହା ଉଲ୍ଲେଖ କରନ୍ତୁ । ଘୋଷଣାରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ର ଧାରା ୩୧ ଅନୁଯାୟୀ ଦଣ୍ଡନୀୟ ହେବେ ।

OGP—MP—PTS(U-5) (Home-Elec.) 9—3,56,000 Bks.—7-7-2010